**ସୂଚିତଯୋଗ୍ୟ**

**ଭାରତର ସର୍ବୋଚ୍ଚ ନ୍ୟାୟାଳୟ**

**ଦେୱାନୀ ଆବେଦନ ଅଧିକାରିତା**

**ଦେୱାନୀ ଆବେଦନ ସଂଖ୍ୟା ୧୩୨୨/୨୦୧୫**

**[ଏସ୍.ଏଲ୍.ପି. (ସି) ସଂଖ୍ୟା ୧୦୧୮୩/୨୦୧୨ ରୁ ଉତ୍ପନ୍ନ]**

**ଚାରୁଲତା ବେହେରା ....ଆବେଦନକାରୀ**

**ବନାମ**

**ପ୍ରଭାତି ପରିଡ଼ା ଏବଂ ଅନ୍ୟମାନେ ....ଉତ୍ତରଦାତାମାନେ**

**ରାୟ**

**ଶିବ କୀର୍ତ୍ତି ସିଂହ, ନ୍ୟାୟମୂର୍ତ୍ତି**

**୧.** ପକ୍ଷମାନଙ୍କୁ ଶୁଣିଲୁ । ଅନୁମତି ପ୍ରଦାନ କରାଗଲା ।

**୨.** ଆବେଦନକାରୀ ତଥା ଉତ୍ତରଦାତା ସଂଖ୍ୟା - ୧ ତା ୦୨.୦୨.୨୦୦୯ ରିଖର ଏକ ବିଜ୍ଞାପନ ଆଧାରରେ ଓଡ଼ିଶାର ଟାଙ୍ଗି ଅନ୍ତର୍ଗତ ଭୁଷଣ୍ଡପୁରସ୍ଥିତ ଉରୁମୁଖୀ - ୩ ଅଙ୍ଗନୱାଡି କେନ୍ଦ୍ରରେ ଅଙ୍ଗନୱାଡି କର୍ମୀ ଭାବେ ନିଯୁକ୍ତି ପାଇଁ ଆବେଦନ କରିଥିଲେ । ଆବେଦନ ଅଧୀନରେ ତା ୧୮.୦୭.୨୦୧୧ ରିଖର ରାୟ ଦ୍ୱାରା ସେ ବ୍ୟଥିତ ହୋଇଛନ୍ତି ଯେଉଁଥିରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଦୁଇ ଜଣିଆ ଖଣ୍ଡପୀଠ ଉଚ୍ଚ ନ୍ୟାୟାଳୟଙ୍କ ଏକକ ବିଚାରପତିଙ୍କ ଦ୍ୱାରା ହୋଇଥିବା ତା ୦୯.୦୮.୨୦୧୦ ରିଖର

ଆଦେଶକୁ ରଦ୍ଦ କରିଛନ୍ତି । ଆକ୍ଷେପିତ ଆଦେଶ/ରାୟର ପ୍ରଭାବ ହେଉଛି ଉତ୍ତରଦାତା ସଂଖ୍ୟା ୧ ଦ୍ୱାରା ଚୟନ କରାଯାଇଥିବା ରିଟ୍ ଆବେଦନକୁ ଅନୁମତି ଦେବା ଏବଂ ଫଳସ୍ୱରୂପ ଆବେଦନକାରୀଙ୍କ ଚୟନ ଏବଂ ନିଯୁକ୍ତି ଅଗ୍ରାହ୍ୟ କରାଯାଇଛି ଏବଂ ଏହା ପରିବର୍ତ୍ତେ ଉତ୍ତରଦାତା ସଂଖ୍ୟା ୧ ସମ୍ପୃକ୍ତ କେନ୍ଦ୍ର ପାଇଁ ଅଙ୍ଗନୱାଡି କର୍ମୀ ଭାବେ ନିଯୁକ୍ତି ପାଇଛନ୍ତି ।

**୩.** ଏହି ଆବେଦନରେ ଉତ୍ତର ଦେବାକୁ ଥିବା ବିତର୍କୀୟ ପ୍ରଶ୍ନ ହେଉଛି ଦୁଇ ଜଣିଆ ଖଣ୍ଡପୀଠ କେବଳ ବୈଷୟିକ ଦୃଷ୍ଟିରୁ ଏବଂ ପୂର୍ବରୁ ପାରିତ ହୋଇଥିବା କେତେକ ଆଦେଶ ଆଧାରରେ ରିଟ୍ ଆବେଦନକୁ ଅନୁମତି ଦେବା ଉଚିତ୍ ଥିଲା କି, ଯେତେବେଳେ ଉତ୍ତରଦାତା ସଂଖ୍ୟା ୧ ସମ୍ପୃକ୍ତ କେନ୍ଦ୍ରର ବାସିନ୍ଦା ନଥିଲେ ବୋଲି ତଥ୍ୟ ଉପରେ କୌଣସି ଅସ୍ପଷ୍ଟତା ନଥିଲା ଏବଂ ସେଥିପାଇଁ କେନ୍ଦ୍ରରେ ଅଙ୍ଗନୱାଡି କର୍ମୀ ଭାବରେ ନିଯୁକ୍ତ ହେବା ପାଇଁ ମୌଳିକ ଯୋଗ୍ୟତା ଧାରଣ କରିନଥିଲେ ।

**୪.** ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଓକିଲ ପ୍ରାସଙ୍ଗିକ ଆଦେଶ ଏବଂ ଅନୁସନ୍ଧାନ ବିବୃତି ମାଧ୍ୟମରେ ଆମ ଦୃଷ୍ଟିକୁ ଆଣିଛନ୍ତି ଯାହା ଦର୍ଶାଏ ଯେ ଆବେଦନକାରୀ ନିୟୋଜିତ ହେବା ପୂର୍ବରୁ ମଧ୍ୟ, ଯେତେବେଳେ ଉତ୍ତରଦାତା ସଂଖ୍ୟା ୧ ଜାଣିବାକୁ ପାଇଲେ ଯେ ଚୟନ ପ୍ରକ୍ରିୟାରେ ଆବେଦନକାରୀ ସର୍ବାଧିକ ଅଙ୍କ ହାସଲ କରିଥିଲେ ଏବଂ ନିଯୁକ୍ତ ହେବାର ସମ୍ଭାବନା ରହିଥିଲା, ସେ ଆବେଦନ/ଉଚ୍ଚତର କର୍ତ୍ତୃପକ୍ଷ - ଉତ୍ତରଦାତା ସଂଖ୍ୟା ୩, ଉପ –ଜିଲ୍ଲାପାଳ, ଖୋର୍ଦ୍ଧାଙ୍କ ଦ୍ୱାରସ୍ଥ ହୋଇଥିଲେ । ତା ୨୬.୧୨.୨୦୦୯ ରିଖର ଆଦେଶ ଅନୁଯାୟୀ, ଉତ୍ତରଦାତା ସଂଖ୍ୟା ୩ ଲକ୍ଷ୍ୟ

କଲେ ଯେ ଆବେଦନକାରୀଙ୍କ ଭଉଣୀ ଅନ୍ୟ ଏକ କେନ୍ଦ୍ରରେ ଅଙ୍ଗନୱାଡି କର୍ମୀ ଭାବେ ନିଯୁକ୍ତ ଥିଲେ ଏବଂ ସେଥିପାଇଁ ନିଯୁକ୍ତି ଆଦେଶକୁ ଅପେକ୍ଷା ନକରି ଉତ୍ତରଦାତା ସଂଖ୍ୟା ୩ – ଆବେଦନ କର୍ତ୍ତୃପକ୍ଷ ଆବେଦନକାରୀଙ୍କୁ ଚୟନ କରିବା ଆଦେଶକୁ ରଦ୍ଦ କରିଥିଲେ ଏବଂ ସରକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ ଉତ୍ତରଦାତା ସଂଖ୍ୟା ୧ ଙ୍କ ମାମଲାକୁ ପୁନର୍ବିଚାର କରିବା ପାଇଁ ତାହାକୁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ - ଉତ୍ତରଦାତା ସଂଖ୍ୟା ୪ ଙ୍କ ନିକଟକୁ ପୁନଃପ୍ରେରଣ କରିଦିଆଯାଇଥିଲା । ଚୟନ ସମିତି ତା ୦୪.୦୬.୨୦୧୦ ରିଖରେ ଅନୁଷ୍ଠିତ ଏକ ବୈଠକରେ ଉପ ଜିଲ୍ଲାପାଳ, ଖୋର୍ଦ୍ଧା ଙ୍କ ଦ୍ୱାରା ପୁନର୍ବିଚାର ପାଇଁ ପଠାଯାଇଥିବା ମାମଲାର ପ୍ରାସଙ୍ଗିକ ତଥ୍ୟ ଉପରେ ପୁନର୍ବିଚାର କରିଥିଲା, ଯେଉଁଥିରେ ଉପ ଜିଲ୍ଲାପାଳ, ଖୋର୍ଦ୍ଧା ଙ୍କ ସମେତ ଚୟନ ସମିତିର ପାଞ୍ଚ ଜଣ ସଦସ୍ୟ ଯୋଗ ଦେଇଥିଲେ । ଚୟନ ସମିତିର ତା୦୪.୦୬.୨୦୧୦ ରିଖର କାର୍ଯ୍ୟାନୁଷ୍ଠାନର ବିବରଣୀ ମଧ୍ୟ ଉପ ଜିଲ୍ଲାପାଳ, ଖୋର୍ଦ୍ଧାଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଛି ଏବଂ ସେମାନେ ପ୍ରକାଶ କରନ୍ତି ଯେ ଆବେଦନକାରୀ ନିଯୁକ୍ତି ପାଇଁ ସବୁଠାରୁ ଯୋଗ୍ୟ ପ୍ରାର୍ଥୀ ଥିଲେ । ଇତି ମଧ୍ୟରେ, ଉତ୍ତରଦାତା ସଂଖ୍ୟା ୧ ଏକ ରିଟ୍ ଆବେଦନ ଡବ୍ଲ୍ୟୁ.ପି.(ସି) ସଂଖ୍ୟା ୯୩୦୦/୨୦୧୦ ଦାୟର କରିଥିଲେ ଯେଉଁଥିରେ ଉପ ଜିଲ୍ଲାପାଳ, ଖୋର୍ଦ୍ଧାଙ୍କ ତା ୨୬.୧୨.୨୦୦୯ ରିଖର ଆଦେଶ କାର୍ଯ୍ୟକାରୀ ହେଉନଥିଲା ବୋଲି ତାଙ୍କର ସାଧାରଣ ଅଭିଯୋଗ ଥିଲା । ଉପ-ଜିଲ୍ଲାପାଳଙ୍କ ଆଦେଶକୁ ଚାରି ସପ୍ତାହ ମଧ୍ୟରେ କାର୍ଯ୍ୟକାରୀ କରିବାର

ନିର୍ଦ୍ଦେଶ ସହିତ ତା ୨୦.୦୫.୨୦୧୦ ରିଖରେ ସେହି ରିଟ୍ ଆବେଦନକୁ ଫଇସଲା କରାଯାଇଥିଲା ।

**୫.** ଉତ୍ତରଦାତା ସଂଖ୍ୟା ୧ ଏକ ରିଟ୍ ଆବେଦନ ଯଥା ଡବ୍ଲୁ.ପି.(ସି) ସଂଖ୍ୟା ୧୧୯୬୦/୨୦୧୦ ମାଧ୍ୟମରେ ସିଧାସଳଖ ଚୟନ ସମିତିର ତା ୦୪.୦୬.୨୦୧୦ ରିଖର ଆଦେଶକୁ ଆହ୍ୱାନ କରିଥିଲେ । ଆବେଦନକାରୀ ଚୟନ ସମୟରେ ଅଧିକ ଅଙ୍କ ହାସଲ କରିଥିଲେ ଏବଂ ଚୟନ ପ୍ରକ୍ରିୟାରେ କୌଣସି ଅବୈଧତା ନଥିଲା ଏହି ଆଧାରରେ ତା ୦୯.୦୮.୨୦୧୦ ରିଖରେ ରିଟ୍ ଆବେଦନ ଖାରଜ ହୋଇଥିଲା । ତଥାପି, ଉତ୍ତରଦାତା ସଂଖ୍ୟା ୧ ଙ୍କୁ ଏକ ସ୍ୱାଧୀନତା ପ୍ରଦାନ କରାଯାଇଥିଲା ଯେ ସରକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ, ସେ ଆବେଦନକାରୀଙ୍କ ଚୟନ ବିରୁଦ୍ଧରେ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଆବେଦନ ଦାୟର କରିପାରିବେ । ଉତ୍ତରଦାତା ସଂଖ୍ୟା ୧ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ କିମ୍ବା ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କ ସମ୍ମୁଖରେ କୌଣସି ଆବେଦନ ଦାୟର କରିନଥିଲେ ଏବଂ ଏହା ପରିବର୍ତ୍ତେ ରିଟ୍ ଆବେଦନ ସଂଖ୍ୟା ୪୩୦/୨୦୧୦ ଦାୟର କରିଥିଲେ ଯାହା ଆବେଦନରେ ତା ୧୮.୦୭.୨୦୧୧ ରିଖର ଆଦେଶ ଦ୍ୱାରା ଅନୁମତି ଦିଆଯାଇଥିଲା ।

**୬.** ଦୁଇ ଜଣିଆ ଖଣ୍ଡପୀଠ କେବଳ ଆବେଦନ କର୍ତ୍ତୃପକ୍ଷଙ୍କ ତା ୨୬.୧୨.୨୦୦୯ ରିଖର ଆଦେଶ ଏବଂ ତା ୨୬.୧୨.୨୦୦୯ ରିଖରେ ଉପ-ଜିଲ୍ଲାପାଳ, ଖୋର୍ଦ୍ଧାଙ୍କ ଦ୍ୱାରା ପାରିତ ହୋଇଥିବା ପୁନଃପ୍ରେରଣ ଆଦେଶ କାର୍ଯ୍ୟକାରୀ କରିବାକୁ ସାଧାରଣ ନିର୍ଦ୍ଦେଶ ଦେଇ ଡବ୍ଲ୍ୟୁ.ପି. (ସି) ସଂଖ୍ୟା ୯୩୦୦/୨୦୧୦ରେ ପାରିତ ହୋଇଥିବା

ତା ୨୦.୦୫.୨୦୧୦ ରିଖର ଆଦେଶ ଆଧାରରେ ଆବେଦନକାରୀଙ୍କ ନିଯୁକ୍ତିରେ ହସ୍ତକ୍ଷେପ କରିଛନ୍ତି । ଦୁଇ ଜଣିଆ ଖଣ୍ଡପୀଠ ଅନୁଯାୟୀ, ପୂର୍ବୋକ୍ତ ଦୁଇଟି ଆଦେଶ ପାଳନ କରାଯାଇନଥିଲା, ଏବଂ ତେଣୁ ପାଳନ କରାଯିବା ଉଚିତ, ବିଶେଷ କରି ଯେତେବେଳେ କେହି କୌଣସି ସମୀକ୍ଷା କିମ୍ବା ଆବେଦନକୁ ଚୟନ କରି ସେହି ଆଦେଶକୁ ବିରୋଧ କରିନଥିଲେ ।

**୭.** ଆମର ବିଚାରଯୋଗ୍ୟ ମତରେ, ଦୁଇଜଣିଆ ଖଣ୍ଡପୀଠ ଏହି ତଥ୍ୟକୁ ଅଣଦେଖା କରି ଭୁଲ କରିଥିଲେ ଯେ ତା ୨୬.୧୨.୨୦୦୯ ରିଖର ଆଦେଶ ଏପରି ଏକ ଆଦେଶ ଥିଲା ଯେଉଁଥିରେ ଚୟନ ସମିତିର କେବଳ ପ୍ରାସଙ୍ଗିକ ବିଷୟ ଉପରେ ପୁନର୍ବିଚାର କରିବାର ଆବଶ୍ୟକ ଥିଲା ଏବଂ ତେଣୁ ତା ୦୪.୦୬.୨୦୧୦ ରିଖରେ ଆବଶ୍ୟକୀୟ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଦ୍ୱାରା, ତା ୨୬.୧୨.୨୦୦୯ ରିଖର ପୁନଃପ୍ରେରିତ ଆଦେଶ ଡବ୍ଲୁପି (ସି) ସଂଖ୍ୟା ୯୩୦୦/୨୦୧୦ ରେ ମାନ୍ୟବର ଏକକ ବିଚାରପତିଙ୍କର ତା ୨୦.୦୫.୨୦୧୦ ରିଖର ନିର୍ଦ୍ଦେଶ ଅନୁଯାୟୀ ଅନୁପାଳନ ହୋଇଥିଲା । ଦୁଇ ଜଣିଆ ଖଣ୍ଡପୀଠ ଏହା ଅନୁମାନ କରିବାରେ ଭୁଲ୍ କରିଥିଲେ ଯେ ପୁନଃପ୍ରେରିତ ଆଦେଶରେ ଆବେଦନକାରୀଙ୍କ ମାମଲା ପ୍ରତ୍ୟାଖ୍ୟାନ ଏବଂ ଉତ୍ତରଦାତା ସଂଖ୍ୟା ୧ଙ୍କ ନିଯୁକ୍ତି ଆବଶ୍ୟକ ଥିଲା । ଦୁଇଜଣିଆ ଖଣ୍ଡପୀଠ ଏହା ମଧ୍ୟ ଧ୍ୟାନ ଦେବାରେ ବିଫଳ ହୋଇଥିଲେ ଯେ ଉପ - ଜିଲ୍ଲାପାଳ, ଖୋର୍ଦ୍ଧା ଯିଏ ତା ୨୬.୧୨.୨୦୦୯ ରିଖରେ ଆଦେଶ ପାରିତ କରିଥିଲେ, ସେ ଚୟନ ସମିତିର ସଦସ୍ୟ ଥିଲେ ଏବଂ ତା ୦୪.୦୬.୨୦୧୦ ରିଖରେ ଆବେଦନକାରୀଙ୍କ ସପକ୍ଷରେ

ନିଆଯାଇଥିବା ନିଷ୍ପତ୍ତିରେ ପକ୍ଷ ଥିଲେ । ସମ୍ପୃକ୍ତ କେନ୍ଦ୍ରର ସେ ବାସିନ୍ଦା ନହୋଇଥିବା କାରଣରୁ ଉତ୍ତରଦାତା ୧ ଙ୍କର ଚୟନ ଏବଂ ନିଯୁକ୍ତି ପାଇଁ ଉପଯୁକ୍ତ ଯୋଗ୍ୟତାର ଅଭାବ ଥିଲା ବୋଲି ସରକାରୀ ଉତ୍ତରଦାତାମାନଙ୍କର ମାମଲାକୁ ଅଣଦେଖା କରି ଦୁଇ ଜଣିଆ ଖଣ୍ଡପୀଠ ପୁନଶ୍ଚ ଭୁଲ୍ କରିଥିଲେ ।

**୮.** ଉପରୋକ୍ତ ତଥ୍ୟ ଏବଂ ପରିସ୍ଥିତିରେ, ଆବେଦନକାରୀଙ୍କ ତରଫରୁ ଆଗତ ଯୁକ୍ତି ଯେ ଆବେଦନ ଅଧୀନରେ ଥିବା ଆଦେଶ ପ୍ରାସଙ୍ଗିକ ତଥ୍ୟକୁ ଅନୁଧ୍ୟାନ ନକରି ପାରିତ ହୋଇଛି ଏବଂ ଏପରି ଅଧିକାରିତା କ୍ଷେତ୍ର କେବଳ ବୈଷୟିକ ଦୃଷ୍ଟିରୁ ପ୍ରୟୋଗ କରାଯିବା ଉଚିତ୍ ନୁହେଁ, ବିଶେଷ କରି ଯଦି ଏପରି ପ୍ରୟୋଗର ଫଳାଫଳ ଅନିୟମିତତାକୁ ସ୍ଥାୟୀ କରିବ ବୋଲି ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୨୬ ଅନୁଯାୟୀ ରିଟ୍ ଅଧିକାରିତାର ପ୍ରୟୋଗ ସମ୍ବନ୍ଧରେ ସୁପ୍ରତିଷ୍ଠିତ ସିଦ୍ଧାନ୍ତକୁ ଅଣଦେଖା କରାଯାଇଛି, ତାହାକୁ ସ୍ୱୀକାର କରିବା ବ୍ୟତୀତ ଆମ ପାଖରେ କୌଣସି ବିକଳ୍ପ ନାହିଁ । ବର୍ତ୍ତମାନ ମାମଲାରେ ଆବେଦନର ଆଦେଶ ଅନୁଯାୟୀ ଉତ୍ତରଦାତା ସଂଖ୍ୟା ୧ ଙ୍କ ନିଯୁକ୍ତି ସ୍ପଷ୍ଟ ଭାବରେ ବେଆଇନ ଅଟେ କାରଣ ତାଙ୍କର ଉପଯୁକ୍ତ ଯୋଗ୍ୟତା ନଥିଲା । ଏହି ନ୍ୟାୟାଳୟଙ୍କଠାରେ ଦାଖଲ ହୋଇଥିବା ପ୍ରତି ସତ୍ୟପାଠରେ ମଧ୍ୟ ସରକାରୀ ଉତ୍ତରଦାତାଙ୍କର ଏହି ଆଭିମୁଖ୍ୟ ରହିଛି ।

**୯.** ଫଳସ୍ୱରୂପ, ଆବେଦନକୁ ଅନୁମତି ଦିଆଯାଇଛି । ଦୁଇ ଜଣିଆ ଖଣ୍ଡପୀଠଙ୍କ ତା ୧୮.୦୭.୨୦୨୧ ରିଖର ବିବାଦୀୟ ରାୟ ଏବଂ ଆଦେଶକୁ ଅଗ୍ରାହ୍ୟ କରିଦିଆଯାଇଛି ଏବଂ ମାନ୍ୟବର ଏକକ ନ୍ୟାୟାଧୀଶଙ୍କ ନିର୍ଦ୍ଦେଶ ଅନୁଯାୟୀ,

ଉତ୍ତରଦାତା ସଂଖ୍ୟା ୧ଙ୍କ ଦ୍ୱାରା ଚୟନ କରାଯାଇଥିବା ରିଟ୍ ଆବେଦନ ଖାରଜ ହେବ । ଫଳସ୍ୱରୂପ, ଆବେଦନକାରୀଙ୍କ ନିଯୁକ୍ତିକୁ ପୁନରୁଜ୍ଜୀବିତ କରାଯିବ । ଆବେଦନକାରୀଙ୍କୁ ସମ୍ପୃକ୍ତ କେନ୍ଦ୍ରରେ ଅଙ୍ଗନୱାଡି କର୍ମୀ ପଦବୀରେ ତୁରନ୍ତ କାର୍ଯ୍ୟ ଆରମ୍ଭ କରିବାକୁ ଅନୁମତି ଦିଆଯିବ, ଯାହାଦ୍ୱାରା ସେ ଅନାବଶ୍ୟକ ଭାବେ ପାରିଶ୍ରମିକ ଇତ୍ୟାଦି ହରାଇବେ ନାହିଁ । ମାମଲାର ତଥ୍ୟରେ, ଖର୍ଚ୍ଚ ବାବଦକୁ କୌଣସି ଆଦେଶ ରହିବ ନାହିଁ ।

**....................... ନ୍ୟାୟମୂର୍ତ୍ତି**

**[ଅନିଲ୍ ଆର୍. ଢ଼ାଭେ]**

**....................... ନ୍ୟାୟମୂର୍ତ୍ତି**

**[ଶିବ କୀର୍ତ୍ତି ସିଂହ]**

**ନୂଆ ଦିଲ୍ଲୀ,**

**୩୦ ଜାନୁଆରୀ, ୨୦୧୫**

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ । "

Translated by
Tapaswini Biswal
High Court of Orissa